# NATIONAL NEWS BULLETIN (ODIA)

## 9 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ମତଗ୍ରହଣ ଆରମ୍ଭ ।
- ଯୁଦ୍ଧବିରତି ଘୋଷଣା ପରେ  ଇରାନ ସହିତ ସିଧାସଳଖ କଥାବାର୍ତ୍ତା କରିବା ଲାଗି ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶରେ  ପାକିସ୍ତାନ ଯିବ ଆମେରିକୀୟ ପ୍ରତିନିଧି ମଣ୍ଡଳୀ
- ମରିସସ୍ ଓ ସଂଯୁକ୍ତ ଆରବ ଏମିରେଟ୍ସକୁ ଆଜିଠାରୁ ଗସ୍ତ କରିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ
- ଗୁଜରାଟର ସର୍ଦ୍ଦାର ପୋଷ୍ଟରେ ଆଜି ପାଳନ କରାଯାଉଛି ଶୌର୍ଯ୍ୟ ଦିବସ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍‌ସକୁ  ୧ ରନ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍‌ସ

# ଇଲେକ୍‌ସନ୍

ଆସାମ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଆରମ୍ଭ ହୋଇଛି । ଏହି ସବୁ ସ୍ଥାନରେ ଭୋଟ ଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଆସାମ ବିଧାନସଭାର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେଉଛି । ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିପୂର୍ଣ୍ଣ ଭାବେ ସଂପନ୍ନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ପୁଡୁଚେରୀରେ ମୋଟ୍ ୯ ଲକ୍ଷ ୫୦ ହଜାର ୬୩୯ ଜଣ ମତଦାତା ୨୯୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ମୋଟ୍ ମତଦାତାଙ୍କ ମଧ୍ୟରୁ ୨୪ ହଜାର ୯୧୯ ଜଣ ପ୍ରଥମଥର ଲାଗି ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ । ଏଥିଲାଗି ୧ ହଜାର ୯୯ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରୁ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ୩୦ଟି ପିଙ୍କ୍ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ୧୫ଟି ଏବଂ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ ଦୁଇଟି ଅନୁରୂପ କେନ୍ଦ୍ର ସ୍ଥାପନ କରାଯାଇଛି ।

ନିର୍ବାଚନ ଲାଗି ପୁଡୁଚେରୀରେ ମୋଟ୍ ୪ ହଜାର ୮୩୬ ଜଣ ସରକାରୀ କର୍ମଚାରୀ, ୨ ହଜାର ୭୯୧ ପୁଲିସ୍ କର୍ମଚାରୀ ଏବଂ ୧୭୩ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଏତଦ୍ ବ୍ୟତୀତ ନିର୍ବାଚନ ଆୟୋଗଙ୍କର ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ ଅଧୀନରେ ପୁଡୁଚେରୀର ମତଦାନ ପ୍ରକ୍ରିୟା ସମ୍ପର୍କରେ ଅଭିଜ୍ଞତା ହାସଲ କରିବା ଲାଗି ୬ଟି ଦେଶର ୯ ଜଣ ପ୍ରତିନିଧି ସେଠାରେ ଉପସ୍ଥିତ ଥିବା ଜଣାପଡ଼ିଛି। ଏହି ଦେଶଗୁଡ଼ିକ ହେଲା କିର୍‌ଗିଜ୍‌ସ୍ତାନ, କୋଟେ ଡି'ଆଇଭରି, ମାଲଡୋଭା, ମଙ୍ଗୋଲିଆ, ଗୁଆନା ଏବଂ ଭୁଟାନ୍ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପି. ଜବାହାର କହିଛନ୍ତି ୨୦୨୧ ବିଧାନସଭା ନିର୍ବାଚନରେ ୮୨ ଦଶମିକ ୨ ପ୍ରତିଶତ ମତଦାତା ଭୋଟ୍ ଦେଇଥିଲେ । ତେବେ ଚଳିତ ନିର୍ବାଚନରେ ୯୦ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବାର ଆଶା କରାଯାଉଛି ବୋଲି ସେ କହିଛନ୍ତି ।

କେରଳମ୍‌ରେ ମୋଟ୍ ୮୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୨ କୋଟି ୭୧ ଲକ୍ଷ ମତଦାତା ୩୦ ହଜାର ୪୯୫ଟି ଭୋଟ କେନ୍ଦ୍ରରେ ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରୁଛନ୍ତି । ସେଥିମଧ୍ୟରୁ ୨ ହଜାର ୪୦ଟି କେନ୍ଦ୍ରକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ଏଥିଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାଜ୍ୟରେ ୧୬୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କ

ସମେତ ରାଜ୍ୟ ପୁଲିସ୍‌ର ୭୬ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି । ମତଦାନ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପି ମଦଦୋକାନଗୁଡ଼ିକୁ ବନ୍ଦ ରଖାଯାଇଛି ।

ଆସାମ ବିଧାନସଭା ନିର୍ବାଚନରେ ୫୯ ଜଣ ମହିଳାଙ୍କ ସମେତ ମୋଟ୍ ୭୨୨ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଆଜି ନିର୍ଦ୍ଧାରଣ ହେବ । ରାଜ୍ୟର ଅଢ଼େଇକୋଟିରୁ ଉର୍ଦ୍ଧ୍ୱ ମତଦାତା ମୋଟ୍ ୩୧ ହଜାର ୪୯୦ଟି ବୁଥ୍‌ରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସେଥିମଧ୍ୟରୁ ୬ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଯୁବ ଭୋଟର ପ୍ରଥମଥର ଲାଗି ଆଜି ମତଦାନ କରିବେ। ମୋଟ୍ ମତଦାନ କେନ୍ଦ୍ର ମଧ୍ୟରୁ ୪ ହଜାର ୨୧ଟି କେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଓ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏହି ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବଚାନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହେଉଛି ।

# ୱେଷ୍ଟ ଏସିଆ

ପଶ୍ଚିମ ଏସିଆର ସାଂପ୍ରତିକ ସ୍ଥିତି ସଂପର୍କରେ ଇରାନ ସହିତ ସିଧାସଳଖ କଥାବାର୍ତ୍ତା କରିବା ଲାଗି ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଇସ୍‌ଲାମାବାଦ ଯିବ । ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଏହି ପଦକ୍ଷେପ ନିଆଯାଇଛି ବୋଲି ହ୍ୱାଇଟ୍ ହାଉସ୍‌ର ଗଣମାଧ୍ୟମ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି । ସେ କହିଛନ୍ତି, ଆସନ୍ତା ଶନିବାର ସକାଳେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ବୈଠକରେ ଏହି ପ୍ରତିନିଧି ମଣ୍ଡଳୀରେ ମଧ୍ୟପ୍ରାଚ୍ୟ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜାମାତା ଜାରେଦ୍ କୁସ୍‌ନର ଅଂଶ ଗ୍ରହଣ କରିବେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ସହିତ ଟେଲିଫୋନ ମାଧ୍ୟମରେ କଥାବାର୍ତ୍ତା ପରେ ଇସ୍‌ଲାମାବାଦକୁ ତେହେରାନ୍ ନିଜର ପ୍ରତିନିଧି ମଣ୍ଡଳୀ ପଠାଇବ ବୋଲି ଇରାନ ରାଷ୍ଟ୍ରପତି ମସୁଦ୍ ପେଜେସ୍କିଆନ୍ ସ୍ପଷ୍ଟ କରିଛନ୍ତି ।

ଗତକାଲି ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଏହି ଯୁଦ୍ଧରେ ଦୁଇ ସପ୍ତାହ ଲାଗି ଅସ୍ତ୍ରବିରତି ଘୋଷଣା କରାଯିବା ପରେ କଥାବାର୍ତ୍ତା ଲାଗି ଏଭଳି ପଦକ୍ଷେପ ନିଆଯାଇଛି । ଇତିମଧ୍ୟରେ ଇସ୍ରାଏଲ୍ ପକ୍ଷରୁ ଲେବାନନର କେତେକ ସ୍ଥାନ ଉପରେ ଗତକାଲି ଆକ୍ରମଣ କରାଯାଇଛି । ତେବେ ଏହି ଆକ୍ରମଣ ଅସ୍ତ୍ରବିରତି ଚୁକ୍ତିକୁ ଉଲ୍ଲଂଘନ କରୁଛି ବୋଲି ଇରାନ ଅଭିଯୋଗ କରୁଛି ।

ଇସ୍ରାଏଲ୍‌ର  ଏହି ଆକ୍ରମଣରେ ଲେବାନନର ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଛି ସରକାରୀ ଭାବେ କୁହାଯାଇଛି ।

## ଜୟଶଙ୍କର ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ମରିସସ୍ ଓ ସଂଯୁକ୍ତ ଆରବ ଏମିରେଟ୍‌ସକୁ ସରକାରୀ ଗସ୍ତରେ ଯିବେ । ତାଙ୍କ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର ମରିସସ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ନବମ ଭାରତୀୟ ମହାସାଗର ସମ୍ମିଳନୀରେ ଅଂଶ ଗ୍ରହଣ କରି ନିଜର ଅଭିଭାଷଣ ପ୍ରଦାନ କରିବେ । ଏହି ଗସ୍ତ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମରିସସ୍‌ର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତ ବିନିମୟ କରିବେ । ଏହାଛଡ଼ା ଦ୍ୱିପକ୍ଷିୟ ସଂପର୍କର ସମୀକ୍ଷା ମଧ୍ୟ କରାଯିବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀ ଅବସରରେ ଡକ୍ଟର ଜୟଶଙ୍କର ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତର ପଡ଼ୋଶୀ ପ୍ରଥମ ନୀତି, ଭିଜନ ମହାସାଗର ଏବଂ ଗ୍ଲୋବାଲ୍ ସାଉଥ୍ ପ୍ରତି ନିଜର ପ୍ରତିବଦ୍ଧତା' ବୈଦେଶିକ ମନ୍ତ୍ରୀଙ୍କର ଏହି ଗସ୍ତରୁ ପ୍ରତିଫଳିତ ହେଉଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କରଙ୍କର ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ସଂଯୁକ୍ତ ଆରବ ଏମିରେଟ୍ସ-ୟୁଏଇକୁ ଗସ୍ତ କରିବେ । ଏହି ଅବସରରେ ସେ ୟୁଏଇର ନେତୃବୃନ୍ଦଙ୍କ ସହିତ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗର ସମୀକ୍ଷା କରିବେ। ଏତଦ୍‌ବ୍ୟତୀତ ଭାରତ ଓ ୟୁଏଇ ସମନ୍ୱିତ ରଣନୈତିକ ଭାଗିଦାରୀକୁ କିଭଳି ଅଧିକ ସଶକ୍ତ କରାଯାଇ ପାରିବ, ସେ ସଂପର୍କରେ ମଧ୍ୟ ଆଲୋଚନା କରିବେ।

## ରାଜନାଥ-ଜିଓଏମ୍ ମିଟିଂ

ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କିତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀର ତୃତୀୟ ବୈଠକ ଗତକାଲି ନୂଆଦିଲ୍ଲୀଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ଏସିଆର ସାଂପ୍ରତିକ ସ୍ଥିତି ଉପରେ ସମୀକ୍ଷା କରାଯାଇଛି । ଏତଦ୍‌ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ଏଥିନିମନ୍ତେ ଉଚ୍ଚସ୍ତରୀୟ ପ୍ରସ୍ତୁତି, ସହଯୋଗ ତଥା ଯେକୌଣସି ପ୍ରକାର ପ୍ରତିକୂଳସ୍ଥିତିର ମୁକାବିଲା କରିବା ଲାଗି ସମୁଚିତ ପଦକ୍ଷେପ ନେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ଦେଶ ବ୍ୟାପି ଅତ୍ୟାବଶ୍ୟକୀୟ ସାମଗ୍ରୀ, ଏଲ୍.ପି.ଜି., ପେଟ୍ରୋଲ୍ ଓ ଡିଜେଲ୍ ସମେତ ଚାଷୀମାନଙ୍କ ଲାଗି ସାରର ନିରନ୍ତର ଉପଲବ୍ଧତା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ସରକାର ପ୍ରାଧାନ୍ୟ

ଦେଇଛନ୍ତି । ଏହି ଦ୍ୱନ୍ଦ୍ୱ ସ୍ଥିତିର ପ୍ରଭାବ ଯେଭଳି ସାଧାରଣ ନାଗରୀକଙ୍କ ଉପରେ ନ ପଡ଼େ ତାହାକୁ ଦୃଷ୍ଟିରେ ରଖି ସରକାର ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି ଗତ ପ୍ରାୟ ୪୦ ଦିନ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ସର୍ବାଧିକ ସଂଖ୍ୟକ ଜାହାଜ ଭାରତ ଆସିଛି ।

ଏହି ସମୟ ମଧ୍ୟରେ ପ୍ରାୟ ୩୪୦ ହଜାର ମେଟ୍ରିକ୍ ଟନ୍‌ର ୮ଟି ଏଲ୍‌ପିଜି ବୋଝେଇ ଜାହାଜ ଭାରତରେ ପହଞ୍ଚିଛି । ଫଳରେ ଦେଶରେ ଏଲ୍‌ପିଜି ଯୋଗାଣ ପ୍ରକ୍ରିୟାରେ କୌଣସି ବାଧା ସୃଷ୍ଟି ହୋଇନଥିବା ଜଣାପଡ଼ିଛି । ଦେଶବ୍ୟାପୀ ଏଲ୍‌ପିଜି ଉପରେ ନିର୍ଭରଶୀଳତା ହ୍ରାସ କରାଇବା ଉଦ୍ଦେଶ୍ୟରେ ସରକାର ପିଏନ୍‌ଜି ସଂଯୋଗୀକରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## କଚ୍ଛ୍-ଶୌର୍ଯ୍ୟ ଦିବସ

ଗୁଜରାଟର କଚ୍ଛ୍ ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ସର୍ଦ୍ଦାର ପୋଷ୍ଟ୍ ଠାରେ ଆଜି ଶୌର୍ଯ୍ୟ ଦିବସ ପାଳନ କରାଯାଉଛି । ଏହି ଅବସରରେ ସୁରକ୍ଷା ବାହିନୀର ବହୁ ଉଚ୍ଚପଦାଧିକାରୀ ସେଠାରେ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହାଛଡ଼ା ଶହୀଦମାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ସହିତ ବ୍ୟାଣ୍ଡ୍ ପରିବେଷଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ।

୧୯୬୫ ମସିହାରେ ଭାରତ-ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ସମୟରେ ଭାରତୀୟ ସୁରକ୍ଷା ବାହିନୀର ଅଦମ୍ୟ ସାହସକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଶୌର୍ଯ୍ୟ ଦିବସ ରୂପେ ପାଳନ କରାଯାଇଥାଏ। ଅପରେସନ୍ ଡେଜର୍ଟ ହକ୍ ଅଧୀନରେ ପାକିସ୍ତାନର ପ୍ରାୟ ୩ ହଜାର ୫୦୦ ସୈନିକ ଏପ୍ରିଲ୍ ୯ ତାରିଖ ସକାଳେ ଭାରତୀୟ ସୀମାକୁ ଅକ୍ତିଆର କରିବାର ଅପଚେଷ୍ଟାକୁ ସର୍ଦ୍ଦାର ଓ ଟାକ୍ ପୋଷ୍ଟ୍‌ରେ ମୁତୟନ ଥିବା ସିଆରପିଏଫ୍ ଯବାନ ପ୍ରତିହତ କରିଥିଲେ । ଏହି ଅପରେସନରେ ୩୪ ଜଣ ପାକିସ୍ତାନୀ ସୈନିକ ନିହତ ହୋଇଥିବା ବେଳେ ୪ ଜଣଙ୍କୁ ଭାରତ ନିଜ ଅକ୍ତିଆରକୁ ଆଣିବାରେ ସକ୍ଷମ ହୋଇଥିଲା । ତେବେ ୭ ଜଣ ସିଆରପିଏଫ୍ କର୍ମଚାରୀ ମଧ୍ୟ ଏହି ୧୫ ଘଣ୍ଟା ଧରି ଚାଲିଥିବା ଅପରେସନରେ ଅଦମ୍ୟ ସାହସ ଦେଖାଇ ଶହୀଦ ହୋଇଥିଲେ ।

# କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ' ଦିଲ୍ଲୀ କ୍ୟାପିଟାଲ୍‌ସକୁ ୧ ରନ୍‌ରେ ପରାସ୍ତ କରିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଗତରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଗୁଜରାଟ୍ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ୨୧୦ ରନ୍ କରିଥିଲା । ଦଳପକ୍ଷରୁ

ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୭୦ ରନ୍ କରିଥିବା ବେଳେ ଓ୍ୱାଶିଂଟନ୍ ସୁନ୍ଦର ୫୫ ରନ୍ ସଂଗ୍ରହ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସର ମୁକେଶ କୁମାର ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଓ୍ୱିକେଟ୍ ହରାଇ ୨୦୯ ରନ୍ କରିଥିଲା । ଦଳପକ୍ଷରୁ କେ.ଏଲ୍. ରାହୁଲ ସର୍ବାଧକ ୯୨ ରନ୍ କରିଥିଲେ । ଗୁଜରାଟ ଟାଇଟନ୍ ପକ୍ଷରୁ ରସିଦ୍ ଖାନ୍ ୩ଟି ଓ୍ୱିକେଟ୍ ଅକ୍ତିଆର କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜିର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ' ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସକୁ ଭେଟିବ । କୋଲକାତାର ଇଡେନ୍ ଗାର୍ଡେନ୍‌ସଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।